# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 24 June - 2024

*************************************

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆରମ୍ଭ

— ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ନବନିର୍ବାଚିତ ସଦସ୍ୟ ନେଉଛନ୍ତି ଶପଥ

- ରାଜ୍ୟରେ ଜାପାନିଜ୍ ଏନ୍‌ସେଫାଲାଇଟିସ୍, ଡିପ୍‌ଥେରିଆ ଏବଂ ଜଣ୍ଡିସ୍ ରୋଗର ସ୍ଥିତି ଏବଂ ମୁକାବିଲା ନେଇ ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

- ଆଳୁ, ପିଆଜ ମହଜୁଦକାରୀଙ୍କ ଉପରେ ନଜର ରଖିବାକୁ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ

ଏବଂ

- ରଥଯାତ୍ରା ସମୟରେ ଶୃଙ୍ଖଳିତ ନୀତିକାନ୍ତି ନେଇ ଆଜି ଅନୁଷ୍ଠିତ ହେବ ଶ୍ରୀମନ୍ଦିର ନୀତି ସବ୍‌କମିଟି ଏବଂ ଛତିଶାନିଯୋଗ ବୈଠକ

*PIB*

# ପ୍ରଧାନମନ୍ତ୍ରୀ– ଲୋକସଭା

ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆଜି ଆରମ୍ଭ ହୋଇଛି। ପ୍ରଥମେ ରାଷ୍ଟ୍ରପତି ଭବନରେ ବିଜେପିର ବରିଷ୍ଠ ସଦସ୍ୟ, ସାଂସଦ ଭର୍ତ୍ତୃହରି ମହତାବ କାମଚଳା ବାଚସ୍ପତି ଭାବେ ଶପଥ ଗ୍ରହଣ କରିଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରୀ ମହତାବଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ପରେ ଶ୍ରୀ ମହତାବ ଲୋକସଭାରେ ନବନିର୍ବାଚିତ ସାଂସଦମାନଙ୍କୁ ଶପଥ ପାଠ କରାଉଛନ୍ତି। ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଦ ଓ ଗୋପନୀୟତାର ଶପଥ ପାଠ କରିଛନ୍ତି।

ଆସନ୍ତା ୨୬ ତାରିଖରେ ଲୋକସଭାର ବାଚସ୍ପତି ନିର୍ବାଚନ ହେବ। ରାଜ୍ୟସଭାର ଅଧିବେଶନ ଆସନ୍ତା ୨୭ରେ ଆରମ୍ଭ ହେବାକୁ ଥିବାବେଳେ ସେହିଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ। ଏହି ସ୍ୱତନ୍ତ୍ର ଅଧିବେଶନ ଜୁଲାଇ ୩ ତାରିଖରେ ଶେଷ ହେବ।

ଆଜି ଅଧିବେଶନ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସଂସଦୀୟ ଗଣତନ୍ତ୍ରରେ ଆଜି ଏକ ଗୌରବମୟ ଦିବସ ଅଟେ। ସେ କହିଛନ୍ତି, ଦେଶ ସ୍ୱାଧୀନ ହେବା ପରେ ପ୍ରଥମଥର ପାଇଁ ନୂତନ ସଂସଦ ଭବନରେ ଶପଥ ଗ୍ରହଣ ପ୍ରକ୍ରିୟା ଅନୁଷ୍ଠିତ ହେଉଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ରଥମଥର ପାଇଁ ସାଂସଦ ଭାବେ

ନିର୍ବାଚିତ ହୋଇଥିବା ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ଦେଶ ସେମାନଙ୍କଠାରୁ ଅନେକ କିଛି ଆଶା କରେ। ଦେଶବାସୀ ସେମାନଙ୍କୁ ଦେଇଥିବା ଦାୟିତ୍ୱ ଅତ୍ୟନ୍ତ ସମର୍ପଣର ସହ ପୂରଣ କରିବା ପାଇଁ ସେମାନେ ଚେଷ୍ଟା କରିବେ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

***HS***

## ସଂସଦ ଶପଥ ଗ୍ରହଣ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଲୋକସଭା ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି। କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବ ତାଙ୍କୁ ଶପଥ ପାଠ କରାଇଥିଲେ। ଶ୍ରୀ ପ୍ରଧାନ ଓଡ଼ିଆ ଭାଷାରେ ଶପଥ ଗ୍ରହଣ କରିଥିଲେ। ପରେ ସେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଅଷ୍ଟାଦଶ ଲୋକସଭାର ସଦସ୍ୟ ଭାବରେ ଶପଥ ଗ୍ରହଣ କରି ଗୌରବ ଅନୁଭବ କରୁଛନ୍ତି। ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବା ସହ ନିଜର ସାମର୍ଥ୍ୟ ଅନୁଯାୟୀ ସମାଜର ସେବା କରିବା ପାଇଁ ସବୁବେଳେ ଚେଷ୍ଟା କରିବେ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଲୋକସଭା ସଦସ୍ୟ ଭାବେ ଆଜି କେନ୍ଦ୍ର ମନ୍ତ୍ରୀ ଜୁଏଲ୍ ଓରାମ ଓଡ଼ିଆ ଭାଷାରେ ଶପଥ ଗ୍ରହଣ କରିଛନ୍ତି। ସେ କହିଛନ୍ତି, ଲୋକଙ୍କ ଆଶା ପୂରଣ ଦିଗରେ ସେ ଚେଷ୍ଟା କରିବେ।

***Keonjhar***

# ମୁଖ୍ୟମନ୍ତ୍ରୀ- ଜନ୍ମମାଟି ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ଆଜି ନିଜ ଜନ୍ମମାଟି ରାଇକଳାରେ ପହଁଞ୍ଚିଛନ୍ତି। ସେଠାରେ ମୁଖ୍ୟମନ୍ତ୍ରୀ ଏକ ରୋଡ୍ ଶୋ' କରିଥିଲେ। ପରେ ଝୁମ୍ପୁରାସ୍ଥିତ ଦୁର୍ଗା ପଡ଼ିଆରେ ଏକ ଜନସଭାରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇଛନ୍ତି। ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଲୋକମାନଙ୍କ ଠାରୁ ଅଭିଯୋଗ ଶୁଣିବା ପରେ ସନ୍ଧ୍ୟା ୫ଟାରେ ଭୁବନେଶ୍ୱର ଫେରି ଆସିବାର କାର୍ଯ୍ୟକ୍ରମ ରହିଛି।

***HS***

# ସ୍ୱାସ୍ଥ୍ୟ ବିଭାଗ ସମୀକ୍ଷା

ରାଜ୍ୟରେ ଜାପାନିଜ୍ ଏନ୍‌ସେଫାଲାଇଟ୍‌ସ, ଡିପ୍‌ଥେରିଆ ଏବଂ ଜଣ୍ଡିସ ମୁକାବିଲା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସିଂରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ରୋଗଗୁଡ଼ିକ ନିୟନ୍ତ୍ରଣ ଲାଗି କେଉଁ ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ଆଗାମୀ ଦିନରେ ନିଆଯିବାକୁ ଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ସମୀକ୍ଷା ବୈଠକରେ ସ୍ୱତନ୍ତ୍ର ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଏବଂ ଅନୁଗୁଳ, ରାୟଗଡ଼ା ଓ ସମ୍ବଲପୁର ଜିଲ୍ଲାପାଳ ଉପସ୍ଥିତ ଥିଲେ।

***Sambalpur***

## ଜଣ୍ଡିସ ସଂକ୍ରମଣ

ସମ୍ବଲପୁର ମହାନଗର ଅଞ୍ଚଳରେ ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା ୮୨କୁ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୮ ଜଣ ଜଣ୍ଡିସ ଆକ୍ରାନ୍ତ ହୋଇଛନ୍ତି। ପ୍ରାଥମିକ ଭାବେ ଗୁପ୍‌ଚୁପ୍, ଦହିବରା ଓ ଚୁସ୍‌କି ଖାଇବା ଯୋଗୁଁ ଏହି ସଂକ୍ରମଣ ବ୍ୟାପିଥିବା କୁହାଯାଇଛି। ଜିଲ୍ଲାର କୁମ୍ଭାରପଡ଼ା, ସାଲିଆବଗିଚା, ପେନସନ୍‌ପଡ଼ା ଓ ଧୋବାପଡ଼ା ଅଞ୍ଚଳରୁ ଏହି ସଂକ୍ରମିତମାନେ ଚିହ୍ନଟ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ଅଧିକ ସଂଖ୍ୟାରେ ଶିଶୁ ରହିଥିବା ଜଣାପଡ଼ିଛି। ଜିଲ୍ଲାରେ ପାନୀୟ ଜଳ ନମୂନା ପରୀକ୍ଷା ଚାଲିଥିବା ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ କହିଛନ୍ତି। ରିପୋର୍ଟ ଆସିବା ପରେ ବିଭିନ୍ନ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ସଚେତନ କରାଯାଉଛି। ଏବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଂକ୍ରମିତ ଅଞ୍ଚଳରେ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ ଜାରି ରହିଛି। ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ସଂକ୍ରମିତଙ୍କ ମଧ୍ୟରୁ କେହି ଡାକ୍ତରଖାନାରେ ଭର୍ତ୍ତି ହୋଇନାହାଁନ୍ତି।

***HS***

## ଦାୟିତ୍ୱ ଗ୍ରହଣ

ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ଭାବେ ପୃଥ୍ୱୀରାଜ ହରିଚନ୍ଦନ ଆଜି ଲୋକସେବା ଭବନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ତିନୋଟି ବିଭାଗ କିଭଳି ରାଜ୍ୟବାସୀଙ୍କ ସେବାରେ ଲାଗି ପାରିବ ତାହା

ପ୍ରାଥମିକତା ହେବ ବୋଲି ସେ କହିଛନ୍ତି। ରାଜ୍ୟର ବିକାଶ ନିମନ୍ତେ ଶହେ ଦିନିଆ, ବର୍ଷିକିଆ ଏବଂ ପାଞ୍ଚ ବର୍ଷୀୟା ରଣନୀତି ପ୍ରସ୍ତୁତ କରାଯାଉଥିବା ସେ କହିଛନ୍ତି।

ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆଜି ଅନୁଷ୍ଠିତ ହେବାକୁ ଥିବା ଭୁବନେଶ୍ୱର କୋର୍ଟ କମ୍ପ୍ଲେକ୍ସ କାର୍ଯ୍ୟକ୍ଷମ କରିବା ସମ୍ପର୍କିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିବେ। ରତ୍ନଭଣ୍ଡାର ସମ୍ପର୍କରେ ସେ କହିଛନ୍ତି, ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ନିଶ୍ଚିତ ଭାବେ ଖୋଲାଯିବ। ଏ ଦିଗରେ ସରକାର ନିଷ୍ପତ୍ତି ନେବା ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି।

***HS***

# ଆଳୁ-ପିଆଜ ସମୀକ୍ଷା ବୈଠକ

ରାଜ୍ୟରେ ଆଳୁ ଓ ପିଆଜ ମହଜୁଦକାରୀଙ୍କ ଉପରେ ନଜର ରଖିବା ଲାଗି ସମସ୍ତ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଜି ଖାଦ୍ୟଯୋଗଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଆଳୁ ଓ ପିଆଜ ଦର ବୃଦ୍ଧିର ଆଜି ସମୀକ୍ଷା କରିବା ଅବସରରେ ଏହା କହିଛନ୍ତି। ସେ କହିଛନ୍ତି, ନାସିକରୁ ପିଆଜ କୁଇଣ୍ଟାଲ ପିଛା ୨ ହଜାର ୯୩୫ ଟଙ୍କାରେ କିଣାଯାଉଥିବା ବେଳେ ଖୁଚୁରା ବଜାରରେ ଏହାର ଦର କିଲୋ ପ୍ରତି ୪୦ ଟଙ୍କା ରହିଛି। ଆଗାମୀ ଦିନରେ ଆଳୁ ଓ ପିଆଜ ଯୋଗାଇବାକୁ ନାଫେଡ୍‌କୁ କୁହାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି। ରାଜ୍ୟର

ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ ହେବା ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି ବୋଲି ସେ କହିଛନ୍ତି ।

***Ganjam***

# ରୋଗୀ କଲ୍ୟାଣ ସମିତି ବୈଠକ

ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗଞ୍ଜାମ ଜିଲ୍ଲା ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ରୋଗୀ କଲ୍ୟାଣ ସମିତିର ଏକ ବୈଠକରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ବିଭିନ୍ନ ସମସ୍ୟା ଓ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଆଲୋଚନା କରିଛନ୍ତି । ବିଭିନ୍ନ ଆବଶ୍ୟକତା ପୂରଣ ନିମନ୍ତେ ଅଧିକ ଅର୍ଥ ଅନୁମୋଦନ କରିବା ପାଇଁ ସେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି । ଆଗାମୀ ଦିନରେ ସମ୍ପୃକ୍ତ ମେଡିକାଲରେ ଡାକ୍ତର, ନର୍ସ ଏବଂ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ।

***Desk***

# ଯୁକ୍ତ ୩ ନାମଲେଖା

ରାଜ୍ୟରେ ଯୁକ୍ତ ୩ କଳା, ବିଜ୍ଞାନ, ବାଣିଜ୍ୟ ଓ ସଂସ୍କୃତ ପାଠ୍ୟକ୍ରମରେ ନାମଲେଖା ପାଇଁ ଆସନ୍ତାକାଲି ପ୍ରଥମ ଚୟନ ତାଲିକା ପ୍ରକାଶ ପାଇବ । ଏହି ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀ ଚଳିତ ମାସ ୨୬ରୁ ୨୯

ତାରିଖ ମଧ୍ୟରେ ନାମଲେଖାଇ ପାରିବେ। ଜୁଲାଇ ୫ରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ତାଲିକା ପ୍ରକାଶ ପାଇବ।

ଚଳିତ ବର୍ଷ ରାଜ୍ୟରେ ଥିବା ୧ ହଜାର ୫୬ଟି ଡିଗ୍ରୀ କଲେଜର ୨ ଲକ୍ଷ ୭୪ ହଜାର ୬୯୧ଟି ଆସନ ପାଇଁ ୨ ଲକ୍ଷ ୩୭ ହଜାର ୭୯୫ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି।

***Puri***

# ଶ୍ରୀମନ୍ଦିର ନୀତି ସବ୍‌କମିଟି ବୈଠକ

ପୁରୀ ଶ୍ରୀମନ୍ଦିର ନୀତି ସବ୍‌କମିଟି ଓ ଛତିଶାନିଯୋଗ ବୈଠକ ଆଜି ଅନୁଷ୍ଠିତ ହେବ। ଅପରାହ୍ନ ୪ଟାରେ ନିଳାଦ୍ରୀ ଭକ୍ତ ନିବାସରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର୍ ବିକ୍ରମ ଯାଦବଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଆଗାମୀ ରଥଯାତ୍ରା ଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ନେଇ ଆଲୋଚନା ହେବ। ଏହା ବ୍ୟତୀତ ବୈଠକରେ ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରା ବ୍ୟବସ୍ଥାବଳୀକୁ ଆଲୋଚନା ପରେ ଅନୁମୋଦନ କରାଯିବ। ଏଥିରେ ପୁରୀ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଏବଂ ସମସ୍ତ ନିଯୋଗର ପ୍ରତିନିଧିମାନେ ଯୋଗଦେବେ। ସୂଚନା ଅନୁଯାୟୀ, ଆସନ୍ତାକାଲି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ହେବାର କାର୍ଯ୍ୟକ୍ରମ ରହିଛି।

*HS*

# ଅଣବସରର ଦ୍ୱିତୀୟ ଦିନ

ଅଣବସରର ଦ୍ୱିତୀୟ ଦିନରେ ମହାପ୍ରଭୁଙ୍କ ନିକଟରେ ଦଇତାପତିମାନେ ଶୁକ୍ଳବସ୍ତ୍ର ଓ ଶୁକ୍ଳରଙ୍ଗର ଫୁଲ ଲାଗି ନୀତି ସମ୍ପନ୍ନ କରିଛନ୍ତି । ବୈଦ୍ୟରାଜଙ୍କ ପରାମର୍ଶକ୍ରମେ ମହାପ୍ରଭୁଙ୍କୁ କ୍ଷୀର, ସର, ଛେନା ଓ ରାବିଡ଼ି ସହ ଆମ୍ବ, କଦଳୀ ଓ ପଣସ ଭୋଗ କରାଯାଇଛି । ଅନ୍ୟପକ୍ଷରେ ଆଜିଠାରୁ ଶ୍ରୀମନ୍ଦିରରେ ପଟିଦିଅଁଙ୍କୁ ପୂଜାର୍ଚ୍ଚନା ଆରମ୍ଭ ହୋଇଛି । ଭକ୍ତମାନେ ଅଲାରନାଥ ପୀଠରେ ଦର୍ଶନ କରୁଛନ୍ତି ।

*Desk*

# ଏଲ୍ଏଲ୍ବି ନାମଲେଖା ଆବେଦନ

ରାଜ୍ୟରେ ୩ ବର୍ଷୀୟା ଏଲ୍ଏଲ୍ବି ପାଠ୍ୟକ୍ରମରେ ନାମଲେଖା ପାଇଁ ଆଜି ଅପରାହ୍ଣ ୪ଟାରୁ ଅନଲାଇନ୍‌ରେ ଆବେଦନ ଆରମ୍ଭ ହେବ । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଇଚ୍ଛୁକ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ ଜରିଆରେ ଆସନ୍ତା ଜୁଲାଇ ୧୧ ତାରିଖ ସୁଦ୍ଧା ଆବେଦନ କରିପାରିବେ । ଜୁଲାଇ ୧୮ ତାରିଖରେ ପ୍ରଥମ ଚୟନ ତାଲିକା ପ୍ରକାଶ ପାଇବା ସହ ଜୁଲାଇ ୧୮ରୁ ୨୦ ତାରିଖ ମଧ୍ୟରେ ଆଡମିଶନ ହେବ । ରାଜ୍ୟରେ ଥିବା ଦୁଇଟି ଆଇନ୍ ମହାବିଦ୍ୟାଳୟ ଏବଂ ଗୋଟିଏ ଆଇନ ବିଶ୍ୱବିଦ୍ୟାଳୟରେ ୩୬୦ଟି ଆସନ ରହିଛି । ସେଗୁଡ଼ିକ ହେଉଛି କଟକ ସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ସ୍ଥିତ

ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ ଓ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟ ।

***BHK***

# ସଚେତନତା ରଥ

ଭଦ୍ରକ ଜିଲ୍ଲା ପ୍ରଶାସନ ଏବଂ ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏକ ସଚେତନତା ରଥ ନଗର ପରିକ୍ରମା କରିଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଶିଶୁମାନଙ୍କୁ ଶ୍ରମିକଭାବେ ନିୟୋଜିତ କଲେ ଦଣ୍ଡବିଧାନ କରାଯିବ ବୋଲି କହିଛନ୍ତି । ଜନସାଧାରଣଙ୍କୁ ଶିଶୁ ଶ୍ରମିକ ନିରାକରଣ ସମ୍ପର୍କରେ ସଚେତନ କରାଇବା ଲାଗି ଲିଫ୍‌ଲେଟ୍ ବଣ୍ଟନ କରାଯାଇଛି ।

**********************************